# Akashvani, Sambalpur

## SAMBALPURI NEWS EVENING BULLETIN

**31 July 2025- 7.02 pm- 7.12 pm.**

*********************************************

୧- ପ୍ରଧାନମନ୍ତ୍ରୀ କିଶାନ ସମ୍ପଦ ଯୋଜ୍‌ନା ଲାଗି ୬ ହଜାର ୫ ଶହ ୨୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର କେବିନେଟ୍ ।

-ଓଡ଼ିଶା ସହେତେ ୬ଟା ରାଜ୍ୟ ନ ବହୁମୁଖୀ ରେଲ୍ ପ୍ରକଳ୍ପକେ ମିଲ୍‌ଲା ଅନୁମୋଦନ୍

୨- ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ୍ ହେଇଛେ ଜନ ଆନ୍ଦୋଲନ୍-କହେଲେ ମୁଖ୍ୟମନ୍ତ୍ରୀ ।

୩- ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟି ଗଠନ୍ ନାଇ କଲେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର୍ ବନ୍ଦ ହେବା ଦର୍‌ମା- କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନମ୍ ଦିନ୍ ଅବ୍‌ସରେ ଆଏବାକାଏଲ୍ ପାଲନ୍ ହେବା ସମ୍ବଲପୁରୀ ଦିନ୍ ।

କେନ୍ଦ୍ର କେବିନେଟ୍-କିଶାନ ସମ୍ପଦ୍ ଯୋଜ୍ନା ଏନ୍ଏସ୍ଡି

କେନ୍ଦ୍ର କେବିନେଟ୍ ଆଏଜ୍ ପ୍ରଧାନମନ୍ତ୍ରୀ କିଶାନ ସମ୍ପଦ୍ ଯୋଜ୍ନା ଲାଗି ୬ ହଜାର ୍ ୫ ଶହ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ । ଇଥି ୧୯ ଶହ ୨୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚା ରହିଛେ । ନୂଆଦିଲ୍ଲୀନ ଗଣମାଧ୍ୟମ୍କେ ଇ ବାବ୍ଦେ ସୂଚ୍ନା ଦେଇକରି ସୂଚ୍ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଆର୍ଥିକ୍ ବ୍ୟାପର୍ କେବିନେଟ୍ କମିଟି ଓଡ଼ିଶା ସହେତେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଆଉ ଝାରଖଣ୍ଡର ୧୩ଟା ଜିଲ୍ଲାକେ ସାମିଲ୍ କରି କରି ୪ଟା ବହୁମୁଖୀ ରେଲ୍ ପ୍ରକଳ୍ପକେ ଅନୁମୋଦନ୍ କରିଛନ୍ । ଇ ପ୍ରକଳ୍ପ ଭାରତୀୟ ରେଲ୍ବାଇର୍ ଏଛ୍ନିର୍ ନେଟ୍ୱର୍କକେ ଆହୁରି ୫ ଶହ ୭୪ କିଲୋମିଟର ବଢ଼ାବା । ୧୧ ହଜାର ଶହେ ୬୯ କୋଟି ଟଙ୍କା ଖର୍ଚ୍ଚାଥି ହେବାର୍କେ ଥିବା ପ୍ରକଳ୍ପ କାମ୍ ୨୦୨୮-୨୯ ଆର୍ଥିକ୍ ବଛର୍ତକ୍ ଶେଷ୍ କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ- ବୃକ୍ଷରୋପଣ ସମୀକ୍ଷା ଭୁବନେଶ୍ୱର

ସମ୍ବାଦଦାତା

ରାଜ୍ୟ ସରକାର ଏକ୍ ପେଡ୍ ମା' କେ ନାମ୍ ୨ ନମ୍ବର ଖେପ୍ ଅଭିଯାନଥି ଇ ବଛର୍ ସାଢ଼େ ୭ କୋଟି ଗଛ ଜଗାବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଆଏଜ୍ ଅଭିଯାନ୍‌ର ସମୀକ୍ଷା କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅଭିଯାନ୍ ଜନଆନ୍ଦୋଲନ୍‌ଥି ପରିଣତ୍ ହେଇଛେ ବଲି କହିଛନ୍ । ସେପ୍ଟେମ୍ବର ୧୭ ତାରିଖ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୫ ନମ୍ବର ଜନମ୍ ଦିନ୍ ଅବ୍‌ସରେ ରାଜ୍ୟ ସରକାର ୭୫ ଲାଖ୍ ଗଛ ଜଗାବେ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ । ରାଜ୍ୟ ସରକାରଙ୍କର ଇ ଅଭିଯାନ୍‌କେ ସଫଲ୍ କର୍‌ବାର୍ ଲାଗି ପଂଚାୟତ୍ ସ୍ତରେ ବହୁତ୍‌ଟେ ଗଛ୍ ଜଗାବର୍ ଲାଗି ପିଇଓମାନ୍‌କୁ ଦାୟିତ୍ୱ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଗଛ୍ ଜଗାବାର୍ ସହେତେ ତାର୍ ସୁରକ୍ଷା ଆଉ ଯତନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ ।

ସୁଭଦ୍ରା ସାହାଜ୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା ୯ ତାରିଖ୍ ରାକ୍ଷୀ ପୁନି ଦିନ କୋରାପୁଟ୍ ଜିଲ୍ଲାର୍ ଜୟପୁର୍‌ଠାନେ ଗୁଟେ ସମାରୋହଥି ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର କିସ୍ତି ସାହାଜ୍ ଟଙ୍କା

ବାଂଟ୍‌ବେ । ଏକାସଙ୍ଗେ ୧ କୋଟିନୁ ଅଏତ୍‌କା ହିତାଧିକାରୀଙ୍କୁ ଇ ସାହାଜ୍ ଟଙ୍କା ବଂଟାଯିବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଉ ଅଲ୍‌ଗା ବିଭାଗର୍ ଅଧିକାରୀମାନେ ଭିଲ୍ ସାମିଲ୍ ହେବେ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ଷ୍ଟିଅରିଂ କମିଟିର୍ ବୈଠକ୍ ବସିଥିଲା । ଯୋଜ୍‌ନାଥି ଆଗ୍‌କେ ନୂଆ ହିତାଧିକାରୀଙ୍କୁ ଯୁଡ଼୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

ସେଆଡ଼େ ରାଜ୍ୟ ସରକାର ସୁଭଦ୍ରା ସାହାଜ୍ ଟଙ୍କାର୍ ଉପଯୋଗ୍ ବାବ୍‌ଦେ ସମୀକ୍ଷା କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ସମୀକ୍ଷା ମୁଲ୍ ହେବାର୍ ୧୨ ଦିନ୍ ଭିତ୍‌ରେ ୭ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କର୍ ରିପୋର୍ଟ ଆସିଛେ । ରାଜ୍ୟ ସରକାର ମାସେ ଭିତ୍‌ରେ ୨୨ ହଜାର ମହିଲାଙ୍କର୍ ପାଖେ ପୁହୁଚିବାର୍‌କେ ଲକ୍ଷ୍ୟ ରଖିଛନ୍ । ସେନ୍ତା ଯୋଜ୍‌ନାନୁ ବାଦ୍ ପଡ଼ିଥିବା ୨ ଲାଖ୍ ମହିଲାଙ୍କୁ ଫେର୍‌ଘାଏ ଆବେଦନ୍ କର୍‌ବାର୍‌କେ ନାଇ ପଡ଼େ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ତଥ୍ୟ ଯାଂଚ୍ ଉତ୍‌ରୁ ଯୋଗ୍ୟ ହିତାଧିକାରୀମାନ୍‌କୁ ଫେର୍‌ଘାଏ ସାମିଲ୍ କରାଯିବା ବଲି ସେ କହିଛନ୍ ।

ଆଏବାକାଏଲ୍ କେବିନେଟ୍ ବୈଠକ୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଆଏବାକାଏଲ୍ ରାଜ୍ୟ କେବିନେଟ୍‌ର ବୈଠକ୍ ବସ୍‌ବା । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଉପରବେଲା ସାଢ଼େ ୫ ବଜେ ହେବାର୍‌କେ ଥିବା ଇ ବୈଠକ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଳିପାରେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନ୍‌କର ରିପୋର୍ଟ- ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ମନ୍ତ୍ରୀମାନ୍‌ଙ୍କୁ ବଛର୍‌କର୍ କାମ୍‌ର ରିପୋର୍ଟ ମାଗିଛନ୍ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ସେ କହିଛନ୍, ଗଲା ଗୁଟେ ବଛର୍ ଭିତ୍‌ରେ ମନ୍ତ୍ରୀମାନେ କେନ୍ କେନ୍ କାମ୍ କରିଛନ୍, ଲୁକ୍‌କର ପାଖକେ କେତେ ଯୋଜ୍‌ନା ପୁହୁଁଚିଛେ, ମନ୍ତ୍ରୀମାନେ କେତେ ଦାୟିତ୍ୱ ପାଲନ୍ କରିଛନ୍ ସେ ବାବ୍‌ଦେ ରିପୋର୍ଟ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ମନ୍ତ୍ରୀମାନେ ନିଜେ ନିଜର୍ କାମ୍‌ର ସମୀକ୍ଷା କରି କରି ଆଗ୍‌କେ ନିଜର୍ ଦାୟିତ୍ୱ ବାବ୍‌ଦେ ସଚେତନ୍ ରହେବେ ବଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଶ୍ରୀ ଗଣ୍ଡ କହିଛନ୍ ।

ଓଟିଇଟି ପରୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ଓଟିଇଟି ପରୀକ୍ଷା ଲାଗି ଖୋବ୍ ଜଲ୍‌ଦି ବିଜ୍ଞପ୍ତି ବାହାରିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଶ୍ରୀ ଗଣ୍ଡ କହିଛନ୍, ଆଏବା ଦିନେ ପରୀକ୍ଷା କେନ୍ତାକରି ଫଟିକ୍ ଢଙ୍ଗେ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା ଚାଲିଛେ । ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ୍ ମାମଲାଥି ୬ ଝନ୍ ଅଭିଯୁକ୍ତଙ୍କୁ କ୍ରାଇମ୍ ବ୍ରାଂଚ୍ ଟିମ୍ ଗିରଫ୍ କରିଛେ । ଘଟ୍‌ନାଥି ଜଡ଼ିତ୍ ଥିବା ସମ୍‌କର୍ ଉପ୍‌ରେ  କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

(ଭଏସ୍ ଓଭର୍----- ନିତ୍ୟାନନ୍ଦ ଗଣ୍ଡ)

ଗଲା ୨୦ ତାରିଖ୍ ଓଟିଇଟି ପରୀକ୍ଷା କର୍‌ବାର୍‌କେ ଧାରିଜ୍ କରାଯାଇଥିଲା । ମାତର୍‌କ ପ୍ରଶ୍ନପତ୍ର ପ୍ରଘଟ୍ ଲାଗି ବୋର୍ଡ ତର୍‌ଫୁ ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ ।

ସକ୍ଷମା ବୈଠକ୍          I&PR

ଭୁବନେଶ୍ୱର ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କର କାର୍ଯ୍ୟାଳୟଠାନେ 'ସକ୍ଷମା' ବୈଠକ୍ ହେଇଯାଇଛେ । ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବିଭାଗର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ଦିବ୍ୟାଙ୍ଗମାନ୍‌କୁ ୟୁଡିଆଇଡି କାର୍ଡ ବଂଟନ, ହସ୍ପିଟାଲ୍‌ମାନ୍‌କେ ସେମାନଙ୍କୁ ଅଗ୍ରାଧିକାର ଦେବାର୍, ସରକାରୀ ସାହାଜ୍ ସୁବିଧାଥି ପୁହୁଁଚାବାର ଲାଗି ସୁବିଧା କେନ୍ଦ୍ର ଖୁଲ୍‌ବାର୍ ବିଷେଥି ଆଲୋଚନା କରିଥିଲେ ।

ଆସ ଯିବା ଅଙ୍ଗନବାଡ଼ି ଅଭିଯାନ I&PR

ରାଏଜେ ଆଏବାକାଏଲ୍‌ନୁ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଆଏବା ୧୫ ତାରିଖ୍ ତକ୍ ଚାଲ୍‌ବା । ଇ ସମିଆଥି ଲୁକେ ଅଙ୍ଗନବାଡ଼ି କେନ୍ଦ୍ର ବୁଲିକରି ସେନର୍ ଭିତିଭୂମି, ସ୍ୱଚ୍ଛତା ଆଉ କାର୍ଯ୍ୟଶୈଲୀ ତଦାରଖ୍ କର୍‌ବାର୍ ସହେତେ ତାର୍ ଉପ୍‌ରେ ମତାମତ୍ ଦେବେ । ଲୁକ୍‌କର ମତାମତ୍ ଉପ୍‌ରେ ସରକାର ଅଙ୍ଗନୱାଡ଼ିର୍ କାମ୍‌କାଜ୍ ଧାରିଜ୍ କର୍‌ବେ ବଲି ଜନାପଡ଼ିଛେ ।

ଆଇସିସି ଗଠନ ନେହେଲେ ଦରମା ବନ୍ଦ ହି.ସ.

ମହାବିଦ୍ୟାଲୟମାନ୍‌କେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି- ଆଇସିସି ଗଠନ୍ ନାଇଁ କଲେ କର୍ତ୍ତୃପକ୍ଷଙ୍କର୍ ଦରମା ବନ୍ଦ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ସେ କହିଛନ୍, ରାଜ୍ୟ ସରକାର ମାସେ ଭିତ୍‌ରେ ସବୁ ମହାବିଦ୍ୟାଲୟ ନ ଆଇସିସି ଗଠନ୍ କର୍‌ବାର୍ ଲକ୍ଷ୍ୟ ରଖିଛନ୍ । ଯେନ୍‌ମାନେ ଭୁଲ୍ ଅଭିଯୋଗ୍ କରୁଛନ୍ ସେମାନ୍‌କର ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ।

(ଭଏସ୍ ଓଭର୍---- ପ୍ରଭାତି ପରିଡ଼ା)

ବଲଙ୍ଗା ପୀଡ଼ିତା-ବୟାନ୍ ରେକର୍ଡ ଆର୍‌ଏନ୍‌ୟୁ/

ସମ୍ବଲପୁର/ଏକ୍ସ

ପୁରୀ ଜିଲ୍ଲା ବଲଙ୍ଗା ପୀଡ଼ିତାଙ୍କର ଫେର୍ ଘାଏ ବୟାନ୍ ରେକର୍ଡ କରାଯାଇଛେ । ଘଟ୍‌ନାର୍ ତଦନ୍ତ କରୁଥିବା ତଦନ୍ତ ଅଧିକାରୀ କଳ୍ପନା କହଁରଙ୍କର୍ ଉପସ୍ଥିତିଥି ଦିଲ୍ଲୀ ସାକେତ୍ କୋର୍ଟ ନ ପୀଡ଼ିତାଙ୍କର ବୟାନ୍ ରେକର୍ଡ କରାଯାଇଥିବା ଜନାପଡ଼ିଛେ । ସୂଚ୍‌ନା ଅନ୍‌ସାରେ ପୀଡ଼ିତାଙ୍କର୍ ବୟାନ୍ ରେକର୍ଡ୍ କର୍‌ବାର୍ ଲାଗି

ପୁରୀ ଜିଲ୍ଲା ପୁଲିସ୍‌ର ଗୁଟେ ତଦନ୍ତକାରୀ ଦଲ୍ ଦିଲ୍ଲୀ ଯାଇଥିବା ଗଲାକାଏଲ୍ ପୁରୀ ଆରକ୍ଷୀ ଅଧିକ୍ଷକ୍ ପିନାକ ମିଶ୍ର ସୂଚ୍‌ନା ଦେଇଥିଲେ ।

ଭିତରକନିକା ଖୁଲାଯିବା ହି.ସ.

ଭିତରକନିକା ଜାତୀୟ ଉଦ୍ୟାନ୍ ଆଏବାକାଏଲ୍‌ଠାନୁ ପର୍ଯ୍ୟଟକମାନ୍‌କର ଲାଗି ଖୁଲ୍‌ବା । ପର୍ଯ୍ୟଟକମାନେ ପହେଲା କରି ଭିତରକନିକାଠାନେ ଲୁଣାଜାତିର୍ ଗଛର୍ ଚାରାକେ ହେନ୍ତାଲବଣ ନ ଦେଖିପାର୍‌ବେ । ସେନ୍ତା ବନ୍ୟ ଜନ୍ତୁ ଆଉ ପ୍ରାକୃତିକ୍ ପରିବେଶ୍ ଭିତ୍‌ରେ ବୋଟ୍ ଲାଇବ୍ରେରୀଥି ବହି ପଢ଼୍‌ବାର୍ ସୁଯୋଗ୍ ପାଇପାର୍‌ବେ । ସୂଚ୍‌ନା ଅନ୍‌ସାରେ କୁମ୍ଭୀରମାନ୍‌କର ପ୍ରଜନନ ଋତୁ ଲାଗି ଭିତରକନିକା ଜାତୀୟ ଉଦ୍ୟାନ୍‌କେ ଗଲା ମଇ ୧ ତାରିଖ୍‌ନୁ ବନ୍ଦ କରାଯାଇଥିଲା ।

ସମ୍ବଲପୁରୀ ଦିନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁରୀ ଭାଷା, ସାହିତ୍ୟର୍ ଆଗ୍‌ଧାଡ଼ିର୍ କବି ଗୁରୁ ସତ୍ୟ ନାରାୟଣ ବହିଦାର୍‌ଙ୍କର ଜନମ୍ ଦିନ୍ ଅବ୍‌ସରେ ଆଏବାକାଏଲ୍ ସମ୍ବଲପୁରୀ ଦିନ୍ ପାଲନ୍ କରାଯିବା । ଇଥିର୍ ଲାଗି ଆଏଜ୍ ସମ୍ବଲପୁରୀ ଏକ୍‌ତା ମଂଚ ଆଉ ପଂଚିମାଂଚଲ ଏକତା ମଂଚ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ ଅବ୍‌ସରେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ କବିତା ଆସର ଆଉ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଉଛେ ।

କଲାହାଣ୍ଡି ସାଂସଦ-ମେଡିକାଲ କଲେଜ ଦାବି/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ସ୍ୱାସ୍ଥ୍ୟ ସେବାକେ ବର୍‌କସ୍ କର୍‌ବାର୍ ଲାଗି ଗୁଟେ ମେଡିକାଲ୍ କଲେଜ୍ ଥାପ୍‌ନା କର୍‌ବାରକେ କଲାହାଣ୍ଡି ସାଂସଦ ମାଲବିକା ଦେବୀ ଦାବି କହିଛନ୍ । ଆଏଜ୍ ଲୋକ ସଭା ନ ଶୂନ୍ୟକାଲ୍ ସମିଆଥି କଲାହାଣ୍ଡି ସାଂସଦ୍ ଇ ଦାବି କରିଛନ୍ । ସେ କହିଛନ୍, ନୂଆପଡ଼ା ଗୁଟେ ଆକାଂକ୍ଷୀ ଜିଲ୍ଲା ହେଇଥିବାର୍‌ନୁ ସେନର୍ ସ୍ୱାସ୍ଥ୍ୟ ଭିତିଭୂମିର୍ ବିକାଶ କରାଗଲେ ଜିଲ୍ଲାର ଆହୁରି ଉନ୍ନତି ହେବାର୍ ସହେଲେ ଲୁକେ ଘର୍ ପାଖେ ଉନ୍ନତ୍ ସ୍ୱାସ୍ଥ୍ୟସେବା ପାଇପାର୍‌ବେ ।

ଦକ୍ଷତା ବିକାଶ ମିଶନ ବୈଠକ୍ ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲାପାଳଙ୍କର ବିକାଶ ଭବନ୍ ସମ୍ମିଲନୀ କକ୍ଷନ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜିଲ୍ଲାନ ତାଲିମ୍ ଦେବାର୍କେ ଇଚ୍ଛୁକ୍ ସଂସ୍ଥାମାନେ ସେମାନଙ୍କର ଯୋଜ୍ନା ଉପସ୍ଥାପନ୍ କରିଥିଲେ । ଯୁଆନ୍ ପିଲାଟୁକେଲ୍ମାନ୍କର ଦକ୍ଷତା ବିକାଶ ଦିଗେ ଠିକ୍ ଭାବେ ତାଲିମ୍ ଦେବାର୍କେ ଜିଲ୍ଲାପାଳ ସେମାନ୍ଙ୍କୁ ପରାମର୍ଶ ଦେଇଛନ୍ ।

ଜିଲ୍ଲା ନୋଡାଲ୍ ଅଧିକାରୀ ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ଓଡ଼ିଆ, ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ ଆଉ ଜିଲ୍ଲା ନୋଡାଲ୍ ଅଧିକାରୀ ଡକ୍ଟର ବିଜୟ କେତନ ଉପାଧ୍ୟାୟ ବୌଦ୍ଧ ଗସ୍ତର୍ ୨ ନମ୍ବର ଦିନେ ଆଏଜ୍ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଜିଲ୍ଲାର ବିକାଶକେ ନେଇକରି ଗୁଟେ ସମୀକ୍ଷା

ବୈଠକ୍ କରିଛନ୍ । ଭିନ୍ ଭିନ୍ ବିଭାଗ୍ ତର୍ଫୁ ଚାଲିଥିବା ଉନ୍ନୟନ୍ କାମ୍‌ର ସମୀକ୍ଷା କର୍‌ବାର୍ ସହେତେ ନିର୍ମାଣାଧିନ୍ ପ୍ରକଳ୍ପମାନ୍‌କୁ ଧାରିଜ୍ ସମିଆଥି ସାର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ପୂର୍ଣ୍ଣତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ୍        ଝାରସୁଗୁଡ଼ା ସମ୍ବାଦଦାତା

ସୁନ୍ଦରଗଡ଼ ଜିଲ୍ଲା ଶଙ୍କରାଠାନେ ଆକାଂକ୍ଷୀ ବ୍ଲକ୍ ଆଉ ସମ୍ପୂର୍ଣ୍ଣତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ସମ୍ପୂର୍ଣ୍ଣତା ଅଭିଯାନ୍ ଅଧିନ୍‌ଥି ଜିଲ୍ଲାର ୨ଟା ବ୍ଲକ୍ ବାଲିଶଙ୍କରା ଆଉ ନୂଆଗାଁ ପୁରସ୍କୃତ ହେଇଛେ । ଇ ଦୁହି ବ୍ଲକ୍‌କେ ଆଏଜ୍ ରାଜସ୍ୱ ମନ୍ତ୍ରୀ ସମ୍ବର୍ଦ୍ଧିତ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ଆକାଂକ୍ଷା ହାଟ୍‌କେ ଉଦ୍‌ଘାଟନ୍ କରି କରି ମହିଲା ସ୍ୱୟଂ ସହାୟକ୍ ଗୋଷ୍ଠୀମାନ୍‌କର କାମ୍‌କେ ପ୍ରଶଂସା କରିଛନ୍ ।

ପାଣିପାଗ/ ହୀରାକୁଦ୍ ଜଲ୍‌ଭଣ୍ଡାର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍ ସହେତେ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଉପର୍‌ମୁଡ଼େ ବର୍ଷା କମିଥିବାର୍‌ନୁ ଖେପ୍ ଖେପ୍ କରି ଆଏଜ୍ ଜଲ୍‌ଭଣ୍ଡାର୍‌ର ୮ ଟା ଗେଟ୍ ବନ୍ଦ୍ କରାଯାଇଛେ । ସଞ୍ଜବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ ୬ ଶହ ୧୦ ଦଶ୍‌ମିକ୍ ୧/୦ ଫୁଟ୍ ରହିଛେ ।